## ଶ୍ରୀରାମ ମନ୍ଦିର ନିର୍ମାଣ ନିଧି ସଂଗ୍ରହ

ପଦ୍ମପୁର, (ଡି.ଏନ.ଏ): ପଦ୍ମପୁର ଉପଖଣ୍ଡ ଦର୍ଲିପାଲି ଗ୍ରାମରେ ଅଯୋଧ୍ୟାରେ ନିର୍ମାଣାଧୀନ ଭବ୍ୟ ଶ୍ରୀରାମ ମନ୍ଦିର ନିଧି ସଂଗ୍ରହ ଅଭିଯାନ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାଙ୍କ ସହ ଗ୍ରାମବାସୀ ଭଜନ କୀର୍ତ୍ତନ କରି ଶୋଭାଯାତ୍ରା କରିଥିଲେ। ରାଧାକୃଷ୍ଣ ମଣ୍ଡପରେ ହୋମଯଜ୍ଞ କରାଯାଇଥିଲା। ବିଏଚପି ପଦ୍ମପୁର ଜିଲା ସଭାପତି ଚୂଡାମଣି ସାହୁ, କୋଷାଧ୍ୟକ୍ଷ ସୀତାନାଥ ସାହୁ, ଆଚାର୍ଯ୍ୟ ଅନ୍ତର୍ଯାମୀ, ଟିକେଶ୍ୱର ଧରୁଆ, ବୃନ୍ଦାବନ ଧରୁଆ, ହରିହର ମେହେର, ଟିକେଲାଲ ସାହୁ, ସୁଭାଷ ମେହେର, ଯୋଗେଶ୍ୱର ତନସନା, ମଧୁସୂଦନ ଧରୁଆ, ଦୁଲାରତନ ତନସନା ଓ ଅନ୍ୟମାନେ ବୌଦ୍ଧିକ ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ରନ୍ଧନ ଗ୍ୟାସ୍ ସିଲିଣ୍ଡର ଫାଟିଲା

ପଦ୍ମପୁର, ୧୧ (ଡି.ଏନ.ଏ): ବରଗଡ ଜିଲା ବୁଡେନ ଥାନା ବିଜାମାଲ ଗ୍ରାମର ମହରଗି ପାଣ୍ଡେ ରୋଷେଇ କରୁଥିବା ବେଳେ ରନ୍ଧନ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା। ସେ ଘରୁ ବାହାରକୁ ଆସି ପଡୋଶୀ ଲୋକଙ୍କୁ ଜଣାଇବା ବେଳେ ସିଲିଣ୍ଡର ଫାଟିଥିଲା। ଏଥିରେ କେହି ମୃତାହତ ହୋଇନାହାନ୍ତି। ପଦ୍ମପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

### ସମ୍ବର୍ଦ୍ଧିତ ହେଲେ ଭଉଣୀ ଭାଇ

ବରଗଡ଼ ଅଫିସ୍/ଅତାବିରା,୧୧: ସୀମା ସୁରକ୍ଷା ବାହିନୀରେ ଯୋଗଦେବା ପାଇଁ ଭେଡ଼େନ ବ୍ଲକ ଚିହିକିପାଲି ଗ୍ରାମର ଦୁଇ ଭଉଣୀ ଭାଇ, ରଶ୍ମିତା ଓ ପ୍ରଭାତ ବାରିକ ମନୋନୀତ ହୋଇଛନ୍ତି। ସେମାନଙ୍କ ଏଭଳି ସଫଳତାକୁ ନେଇ ରବିବାର ଧରିତ୍ରୀରେ 'ଦେଶ ସୀମା ଜଗିବେ ଭଉଣୀ ଭାଇ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବର ପାଇ ବରଗଡ଼ର ସାମାଜିକ ଅନୁଷ୍ଠାନ ଜନ କଲ୍ୟାଣ ସେବା ଟ୍ରଷ୍ଟର ସ୍ୱେଚ୍ଛାସେବୀମାନେ ତାଙ୍କ ଘରକୁ ଯାଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜନ କଲ୍ୟାଣ ସେବା ଟ୍ରଷ୍ଟ ସଭାପତି ମୁକୁନ୍ଦ ଦାଶ, ପପଙ୍ଗାର ସାଂସ୍କୃତିକ ଅନୁଷ୍ଠାନ ଆମର୍ ଗାଁ ଆଞ୍ଚଳିକ ଲୋକ ସମ୍ପର୍କର ସଭାପତି ସତ୍ୟନାରାୟଣ ପ୍ରଧାନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ପୋଷ୍ୟ ବିଦ୍ୟାଳୟ ଘୋଷଣା

ପଦ୍ମପୁର, ୧୧ (ଡି.ଏନ.ଏ): ପଦ୍ମପୁର ରାଜବୋଡାସମ୍ବର ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ଲାଟିନମ୍ ଜୁବିଲି ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ କମିଟି ସଭାପତି ବିଧାୟକ ବିଜୟରଞ୍ଜନ ସିଂ ବରିହା ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ବିଧାୟକ ବରିହା ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ଘୋଷଣା କରିଥିଲେ। ପ୍ଲାଟିନମ୍ ଜୁବିଲି ଉପଲକ୍ଷେ ଆସନ୍ତା ୧୧ ତାରିଖରେ ବିଦ୍ୟାଳୟର ବର୍ଷିୟାନ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା ।

### ୨୦୬ ଜଣଙ୍କୁ କରୋନା ଟିକା ପ୍ରଦାନ

ଗୁଡ୍‌ଭେଲା,୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ୍‌ଭେଲା ବ୍ଲକରେ ୪ଟି ପର୍ଯ୍ୟାୟରେ ୨୦୬ ଜଣଙ୍କୁ କରୋନା ଟିକା ଦିଆଯାଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ଆଉ ଦୁଇ ପର୍ଯ୍ୟାୟରେ ୨୦୮ ଜଣଙ୍କୁ ଟିକା ଦିଆଯିବ ବୋଲି ଗୁଡ୍‌ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଡିଏମ୍ ଫକୀର ବାଗ କହିଛନ୍ତି।

### ବନ ବିଭାଗ ଚଢ଼ାଉ: ୩ କାଠ ବୋଝେଇ ଟ୍ରାକ୍ଟର ଜବତ

ଲାଠୋର, ୧୧(ଡି.ଏନ.ଏ.):ବଲାଙ୍ଗୀର ଜିଲା ବେନ୍ଦେର ସଂରକ୍ଷଣ ଜଙ୍ଗଲ ଅଧୀନ ଦୁଇଟି ସ୍ଥାନରେ ବନ ବିଭାଗ ରବିବାର ରାତିରେ ଚଢ଼ାଉ କରି ୩ଟି କାଠ ବୋଝେଇ ଟ୍ରାକ୍ଟର ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଡ୍ରାଇଭର ଶୁକଦେବ ପରାଭୁଏ, ଟିକେଚନ କୋକ ଏବଂ ହେଲପର ଅକ୍ଷୟ ପଟେଲଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଜବତ ଟ୍ରାକ୍ଟରଗୁଡ଼ିକୁ ଲାଠୋର ବନ କାର୍ଯ୍ୟାଳୟରେ ରଖାଯାଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ ଲାଠୋର ରେଞ୍ଜର ପ୍ରଭାତୀ ସେଠ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଥିବା ଖବର ପାଇ ଫରେଷ୍ଟର ସମୀର ରଞ୍ଜନ ମହାପାତ୍ର, ସୁନୀଲ ଛତ୍ରିଆ ଓ ଟିମ୍‌କୁ ନେଇ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଧଉରାଖମନରୁ ବନମାଲକୁ ଦୁଇଟି ନମ୍ବରବିହୀନ ଟ୍ରାକ୍ଟରରେ ୩୭୦ଖଣ୍ଡ କାଠ ଚାଲାଣ ହେଉଥିଲା। ଧଉରାଖମନକୁ ଆଉ ଏକ ଟ୍ରାକ୍ଟରରେ ଜାଳେଣି କାଠ ଚାଲାଣ ହେଉଥିବା ବେଳେ ବାଗଦୋରଠାରେ ଜବତ ହୋଇଥିଲା।

### ଆତ୍ମସୁରକ୍ଷା ତାଲିମ ଶିବିର

ବିନିକା, ୧୧(ଡି.ଏନ୍.ଏ): ବିନିକା ବ୍ଲକ ବାଉଁଶୁଣୀ ଶ୍ରୀଜଗନ୍ନାଥ ଉଚ୍ଚ ମାଧମିକ ବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ୬୦ଜଣ ଛାତ୍ରୀଙ୍କୁ ନେଇ ସୋମବାର ଆରମ୍ଭ ହୋଇଛି। ୧୨ଦିନ ଧରି ଶିବିର ଚାଲିବ । ବାଉଁଶୁଣୀ ମାଧମିକ ବିଦ୍ୟାଳୟର ବନବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ସଦ୍ଧାର୍ଥ ମାଧମିକ ଉଚ୍ଚ ବିଦ୍ୟାଳୟ ଅଧକ୍ଷା ରେଖା ପଧାନ ଓ ନିର୍ମଳ ଷାଣ୍ଡ ଉପସ୍ଥିତ ଥିଲେ। ସାମ୍ପ୍ରତିକ ସମୟରେ ଆତ୍ମ ସୁରକ୍ଷାର ନିତ୍ୟାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଡିଆର୍‌ସିଏସ୍ ଅଫିସ ଆଗରେ ଧାରଣା

ବରଗଡ଼ ଅଫିସ୍,୧୧


ଡିଆରସିଏସ୍ ଅଫିସ ଆଗରେ ସମବାୟ କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

ବରଗଡ଼ ଜିଲାରେ ଧାନ କିଣାବିକା ଅନିୟମିତତାକୁ ନେଇ ୧୦ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ର ସମ୍ପାଦକମାନଙ୍କୁ ନିଲମ୍ବିତ କରାଯାଇଛି। ଗତ ୨୦୧୮-୧୯ ରବି ଧାନ କିଣାବିକାରେ ହୋଇଥିବା ଅନିୟମିତତା ତଥା ରାଜ୍ୟସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ରିପୋର୍ଟକୁ ଭିତ୍ତି କରି ସେମାନଙ୍କୁ ନିଲମ୍ବନ କରାଯାଇଛି ବୋଲି ସମବାୟ ଉପନିବନ୍ଧକ (ଡିଆର୍‌ସିଏସ୍) ଭକ୍ତବନ୍ଧୁ ସାହୁ କହିଛନ୍ତି। ଅନ୍ୟପଟେ ଏଭଳି ନିଲମ୍ବନ ଆଦେଶକୁ ନେଇ ବରଗଡ଼ ଜିଲା ସମବାୟ ସମିତି କର୍ମଚାରୀ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଏହି କ୍ରମରେ ସୋମବାର ଜିଲାର ସମସ୍ତ ପ୍ୟାକ୍ସର ସମ୍ପାଦକ, କର୍ମଚାରୀମାନେ ଡିଆର୍‌ସିଏସ୍ ଅଫିସ ଆଗରେ ଧାରଣାରେ ବସି ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି କରିଥିଲେ । ଏହା ସହିତ ସମବାୟ ଉପନିବନ୍ଧକ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ସ୍ମାରକପତ୍ରରେ କୁହାଯାଇଛି, ଧାନ କିଣାବିକାରେ ରାଜସ୍ୱ ନିରୀକ୍ଷକଙ୍କଠାରୁ ଆରମ୍ଭ କରି ତହସିଲଦାର, ବିଡ଼ିଓ, ସମବାୟ ସମ୍ପ୍ରସାରଣ ଅଧିକାରୀ, ସହକାରୀ ନିବନ୍ଧକ, ସମବାୟ ଉପନିବନ୍ଧକ, ଯୋଗାଣ ନିରୀକ୍ଷକ, ଜିଲା ଯୋଗାଣ ଅଧିକାରୀ, ଆରଏମ୍‌ସି କର୍ମଚାରୀ, ପିଇଓ, ଭିଏଲଡବ୍ଲ୍ୟୁ, କଷ୍ଟମ ମିଲର୍ସଙ୍କ ଭୂମିକା ରହିଛି। ମାତ୍ର ଆକ୍ରୋଶମୂଳକ ଭାବେ କେବଳ ପ୍ୟାକ୍ସ ସମ୍ପାଦକମାନଙ୍କୁ ନିଲମ୍ବିତ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର

**ପ୍ୟାକ୍ସ ସମ୍ପାଦକଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି**

ତ୍ରୁଟିପୂର୍ଣ୍ଣ ବୋଲି ସମବାୟ କର୍ମଚାରୀ ଅଭିଯୋଗ କରିଛନ୍ତି । ଏଭଳି ସ୍ଥଳେ ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ପୋଲିସରେ ଏତଲା ଦେବା ସହିତ ସେମାନଙ୍କୁ ନିଲମ୍ବନ କରାଯିବା ଆଦୌ ସମୀଚୀନ ନୁହେଁ ବୋଲି ସମବାୟ କର୍ମଚାରୀ ସଂଘ ମତପ୍ରକାଶ କରିଛି। ଆସନ୍ତା ୭ଦିନ ମଧ୍ୟରେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ସଂଘ ଦାବି କରିଛି । ଦାବି ପୂରଣ ନ ହେଲେ ଜିଲାର ସମସ୍ତ ସମବାୟ ସମିତି ଗୁଡ଼ିକୁ ବନ୍ଦ କରିବା ସହିତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଜିଲା ସମବାୟ କର୍ମଚାରୀ ସଂଘ ସଭାପତି ରାଜକୁମାର ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ସମବାୟ ସମିତି କର୍ମଚାରୀମାନେ ଧାରଣାରେ ସାମିଲ ହୋଇଥିଲେ ।

# ଅନଶନରେ ଜିଲା ପରିଷଦ ଅଧ୍ୟକ୍ଷା

ବରଗଡ଼ ଅଫିସ୍,୧୧

**ମଣ୍ଡିରୁ ଉଠୁନି ଧାନ**


ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ସମର୍ଥକ, ଚାଷୀଙ୍କ ଗହଣରେ ଅନଶନରେ ବସିଛନ୍ତି ।

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ସପ୍ତାହକ ପରେ ତିନି ମାସ ପୂରିବ । ମାତ୍ର ଧାନ କିଣାବିକା ସମସ୍ୟା ତୁଟିନାହିଁ । ଜିଲାର ପଦ୍ମପୁର ଉପଖଣ୍ଡ ସମେତ ବିଭିନ୍ନ ଅଞ୍ଚଳର ମଣ୍ଡିରେ ବହୁ ପରିମାଣର ଧାନ ବିକ୍ରି ନ ହୋଇ ପଡ଼ି ରହିଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିଛି । ଏହାର ପ୍ରତିବାଦରେ ସୋମବାର ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଜିଲା ଯୋଗାଣ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ଅନଶନସ୍ଥଳୀକୁ ପହଞ୍ଚି ତାଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆସନ୍ତା ୫ତାରିଖ ସୁଦ୍ଧା ମଣ୍ଡିରେ ପଡ଼ିଥିବା ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଜିଲା ପରିଷଦ ଅଧ୍ୟକ୍ଷା ସାହୁ ଅନଶନରୁ ଉଠିଥିଲେ ।

ବରଗଡ଼ ଜିଲାରେ ଗତ ନଭେମ୍ବର ୯ରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଟୋକନକୁ ନେଇ ଧାନ କିଣାବିକା ଆରମ୍ଭରୁ ଯେଉଁଳି ସମସ୍ୟା ଉପୁଜିଥିଲା। ଏବେ ଶେଷ ପର୍ଯ୍ୟାୟରେ ଚାଷୀଙ୍କୁ ସେଭଳି ହଟହଟା ହେବାକୁ ପଡୁଛି। ଅନ୍ୟପଟେ ଚାଷୀଙ୍କୁ ମିଳିଥିବା ଟୋକନର ଅବଧି ସରି ଗଲାଣି । ଏଭଳି ଭାବେ ପଦ୍ମପୁର ଉପଖଣ୍ଡ ଲଖମରା ଅଞ୍ଚଳରେ ଚାଷୀଙ୍କ ପ୍ରାୟ ୧୭ରୁ ୨୦ହଜାର କୁଇଣ୍ଟାଲ ଧାନ ବିକ୍ରି ହୋଇ ନ ଥିବା ଜିଲା ପରିଷଦ ଅଧ୍ୟକ୍ଷା ସାହୁ କହିଛନ୍ତି । ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ନଗର ସଭାପତି ସୁବ୍ରତ ହୋତା, ଅବନୀକାନ୍ତ ପଣ୍ଡାଙ୍କ ସମେତ ଅନେକ ଚାଷୀ ଅନଶନସ୍ଥଳୀରେ ଉପସ୍ଥିତ ଥିଲେ ।

## ଆମରଣ ଅନଶନରେ ବାସଚ୍ୟୁତ ପରିବାର

ସୋନପୁର,୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଗ୍ରାମର କୃଷ୍ଣଚନ୍ଦ୍ର ନାଏକ ନିଜ ପରିବାର ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଆମରଣ ଅନଶନରେ ବସିଛନ୍ତି। କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ ସେ କର୍ଣ୍ଣିବାହାଲ ଗ୍ରାମର ମୂଳ ଅଧିବାସୀ। ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ ପାଇଁ ତାଙ୍କୁ ବାସଚ୍ୟୁତ ହେବାକୁ ପଡିଥିଲା। ତେଣୁ ସେ ଦୀର୍ଘ ୩୫ ବର୍ଷ ଧରି ଅମରପାଲି ଗ୍ରାମରେ ରହି ଆସୁଥିଲେ। ସ୍ଥାନୀୟ ଗୁଦ୍‌ଗୁଦା ଜଙ୍ଗଲ ଜମିକୁ ସଫା କରି ଚାଷ ମଧ୍ୟ କରୁଥିଲେ। କିନ୍ତୁ କେତେକ ଲୋକ ତାଙ୍କ ପରିବାରକୁ ବାସନ୍ଦ କରିବା ସହ ଗ୍ରାମରୁ ତଡି ଦେଇଛନ୍ତି। ପୋଲିସ ତାଙ୍କ ପରିବାରକୁ ସୁରକ୍ଷା ଦେଲାନି। ଭୟଭୀତ ହୋଇ ସେ ଏବେ ସୋନପୁରରେ ପରିବାର ସହ ଭଡା ଘରେ ରହୁଛନ୍ତି।

## ବୌଦ୍ଧରେ କ୍ଷୁଦ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ବୌଦ୍ଧ,୧୧(ସ୍ୱ.ପ୍ର)

ବୌଦ୍ଧ ଜିଲାକୁ ୨୬ବର୍ଷ ପୂରିଥିବା ବେଳେ ପ୍ରତିବର୍ଷ ସ୍ୱନକ୍ଷତ୍ର ଦିବସରେ ଜିଲାସ୍ତରୀୟ ଉତ୍ସବ ପାଳନ ହୋଇଆସୁଛି। କିନ୍ତୁ ଚଳିତ ବର୍ଷ କରୋନା କଟକଣା ଯୋଗୁ ଜିଲା ମହୋତ୍ସବ ହୋଇନାହିଁ। ଓରମାସ୍ ପକ୍ଷରୁ ସୋମବାର ସଂଗ୍ରହାଳୟ ପରିସରରେ କ୍ଷୁଦ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଏହି ପ୍ରଦର୍ଶନୀକୁ ଜିଲାପାଳ ଲଳାଟେନ୍ଦୁ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କରୋନା କଟକଣା ଯୋଗୁ ପ୍ରଦର୍ଶନୀକୁ ବଡ କରା ନ ଯାଇ ସ୍ଥାନୀୟ ସ୍ୱୟଂ ସହାୟକ ଦଳ ଗୁଡିକର ହାତ ତିଆରି ସାମଗ୍ରୀର ଝଲକ ଦେଖିବାକୁ ମିଳିଛି । ଏହି ପ୍ରଦର୍ଶନୀ ସାତ ଦିନ ଧରି ଚାଲିବ। ଉଦଘାଟନ ସମୟରେ ଉପଜିଲାପାଳ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ପିଡି ବବିତାରାଣୀ ଦଳବେହେରା, ସଂସ୍କୃତି ଅଧିକାରୀ ଶିଶିର ସାହୁ, ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ, ସ୍ମିତା ରଥ ଓ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

ଅମରପାଲି, ୧୧ (ଡି.ଏନ.ଏ)

**ଜିଆରଏସଙ୍କୁ ଜିଲା କଂଗ୍ରେସ ସଭାପତିଙ୍କ ମାଡ ଅଭିଯୋଗ**

ଜଣେ ଗ୍ରାମରୋଜଗାର ସେବକ (ଜିଆରଏସ)ଙ୍କୁ ସୁବର୍ଣ୍ଣପୁର ଜିଲା କଂଗ୍ରେସର ସଭାପତି ତଥା ଉଫୁଲା ସରପଞ୍ଚଙ୍କ ସ୍ୱାମୀ ମାଡ ମାରିଥିବା ଅଭିଯୋଗ ହୋଇଛି। ଥାନାରେ ଅଭିଯୋଗର ୭ ଦିନ ପରେ ମଧ କାର୍ଯ୍ୟାନୁଷ୍ଠାନ ନହେବାରୁ ସୋମବାର ବୀରମହାରାଜପୁର ବ୍ଲକର କର୍ମଚାରୀମାନେ କଲମ ଛାଡ ଆନ୍ଦୋଳନ କରିଛନ୍ତି। ସୂଚନାମତେ, ଗତ ୨୫ ଜାନୁୟାରୀରେ ଉଫୁଲା ଜିଆରଏସ ନାରାୟଣ ମଲ୍ଲିକଙ୍କୁ ମୁଖ୍ୟଛକରେ ସରପଞ୍ଚଙ୍କ ସ୍ୱାମୀ ତଥା ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ (ବବଲୁ) ଗାଳିଗୁଲଜ କରିବା ସହିତ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଏକ ମାମଲା (ନଂ. ୨୪/୧) ରୁଜୁ ହୋଇଥିଲା। ଅପରପକ୍ଷରେ ପ୍ରିୟବ୍ରତଙ୍କୁ ଜିଆରଏସ ମାଡ ମାରିଥିବା ନେଇ ମଧ ଏକ ମାମଲା(ନଂ. ୨୫/୧)ରୁଜୁ ହୋଇଥିଲା । ଅଭିଯୋଗର ସାତ ଦିନ ପରେ ମଧ କାଯର୍‌ଯ୍ୟାନୁଷ୍ଠାନ ନ ହେବାରୁ ଆଜି ବ୍ଲକ କର୍ମଚାରୀମାନେ ଅସନ୍ତୋଷ କରି କଲମ ଛାଡ ଆନ୍ଦୋଳନ କରିଥିଲେ । ଖବରପାଇ ଜିଲାପାଳ ମୋନିଷା ବାନାର୍ଜୀ ବ୍ଲକ କାର୍ଯ୍ୟାଳୟକୁ ଆସି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜି ଅପରାହ୍ନରେ ବୀରମହାରାଜପୁର ପୋଲିସ ପ୍ରିୟବ୍ରତ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରଭା ଧନ ପ୍ରକାଶ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ପରେ କଲମ ଛାଡ ଆନ୍ଦୋଳନକୁ ବନ୍ଦ କରାଯାଇଥିବା ବିଡିଓ ମୋତିଲାଲ ସୁଲିଆ ପ୍ରକାଶ କରିଛନ୍ତି। ଫଟୋ ଯାଇଛି ।

## ଜିଲା ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା

ସୋନପୁର,୧୧(ନି.ପ୍ର.)

ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ଟ ଚାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍(ବ୍ୟବସାୟୀ ସଂଘ)ର ବାର୍ଷିକ ସାଧାରଣ ସଭା ମାରୱାଡ଼ି ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ଧୀରେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୁଣନିଧି ମେହେର, ଅଶ୍ୱିନୀ କୁମାର ସୁବୁଦ୍ଧି, ରବିନ୍ଦ୍ର କୁମାର ହୋତା, ଯଶୋବନ୍ତ ପଣ୍ଡା ଓ ନନ୍ଦ କିଶୋର କମାଣୀ ମଞ୍ଚାସୀନ ଥିଲେ। ନିର୍ବାଚନ ଅଧିକାରୀ ସଞ୍ଜିବ କୁମାର ଅଗ୍ରୱାଲ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ସଭାପତି ରାମକୃଷ୍ଣ ମେହେର, ସାଧାରଣ ସମ୍ପାଦକ ଭାବେ ବି.ସତ୍ୟନାରାୟଣ ରାଓ ମତଦାନ ପ୍ରକ୍ରିୟାରେ ନିର୍ବାଚିତ ହୋଇଥିଲା ବେଳେ ଅନ୍ୟ କର୍ମକର୍ତ୍ତାଙ୍କୁ ମନୋନୟନ କରାଯାଇଥିଲା। ଉପସଭାପତିଭାବେ ବି.ସୁଦର୍ଶନ ପାତ୍ର, ଝସକେତନ ମେହେର, କିଶୋର କୁମାର ସୁବୁଦ୍ଧି, ଦୁର୍ଯ୍ୟୋଧନ ମହାକୁର, ସହସମ୍ପାଦକ ନିରଞ୍ଜନ ପଣ୍ଡା, କୋଷାଧକ୍ଷ ଗଣେଷ ମହାଲିକଙ୍କୁ ମନୋନୀତ କରାଯାଇଥିଲା।

# ଆଡଭେଞ୍ଚର ପାର୍କ ଏ-ଥ୍ରୀ ୱାର୍ଲ୍ଡ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ,୧୧


ଅନ୍ୟ ଅତିଥିଙ୍କ ଗହଣରେ ଏ-ଥ୍ରୀ ୱାର୍ଲ୍ଡକୁ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀରରେ ଏକ ଅତ୍ୟାଧୁନିକ ଆଡ୍‌ଭେଞ୍ଚର ପାର୍କ ଏ-ଥ୍ରୀ ୱାର୍ଲ୍ଡ ସୋମବାର ଉଦ୍‌ଘାଟିତ ହୋଇଛି। ଏଠାରୁ ମାତ୍ର ୭ କି.ମି. ଦୂର ଉଡାର ପଞ୍ଚାୟତ ଅଧୀନ ଜଲିଆରେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା ଓ ଏସ୍‌ପି ନୀତୀନ କୁଶଲକର ଯୋଗଦାନ କରିଥିଲେ । ପର୍ଯ୍ୟଟନ ଓ ମନୋରଞ୍ଜନ ସହ ଜୀବନ ଜୀବିକା ଓ ନିଯୁକ୍ତି କ୍ଷେତ୍ରରେ ଏହା ଉଦାହରଣ ପାଲଟିବ ବୋଲି ମୁଖ୍ୟଅତିଥି ମିଶ୍ର କହିଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି କହିଥିଲେ । ମଧୁ ବୈଶ୍ୟ (ଗୁଡିଆ) ସମାଜ ସଭାପତି ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଏ-ଥ୍ରୀ ୱାର୍ଲ୍ଡର ସତ୍ତ୍ୱାଧିକାରୀ ସ୍ମାରକ ସରାଫ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅମ୍ବରୀଶ ସରାଫ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ମୃତି ସରାଫ, ପ୍ରୀତି ସରାଫ, ଅମିତାବ ସରାଫ, ସନ୍ତକ ସରାଫ, ରମେଶ ଚନ୍ଦ୍ର ସାହୁ, ଅନୀଲ ସାହୁ ସହଯୋଗ କରିଥିଲେ । ପ୍ରାୟ ୪ ଏକର ଜମିରେ ଗଢି ଉଠିଥିବା ଏହି ପ୍ରାକୃତିକ ମନୋରମ ଉଦ୍ୟାନରେ ଉଭୟ ଶିଶୁ ଓ ବୟସ୍କ ଲୋକଙ୍କ ପାଇଁ ଅନେକ ଖେଳ ଓ ମନୋରଞ୍ଜନ ସାମଗ୍ରୀ ରହିଛି । ଦୁଃସାହିକ ବାଇକ୍ ଓ ମୋଟର ଚାଳନା ସକାଶେ ବ୍ୟବସ୍ଥା ରହିଛି । ରୋପ୍ ରାଇଡିଂ ଓ ଅନ୍ୟାନ୍ୟ ସୁବିଧା ରହିଛି । ଆଗାମୀ ଦିନରେ ପର୍ଯ୍ୟଟକମାନଙ୍କ ରହିବା, ବୋଟିଂ ପାର୍କ ସହ ଟଏ ଟ୍ରେନ ବ୍ୟବସ୍ଥା ହେବ ବୋଲି ସୂଚନା ଦିଆଯାଇଥିଲା ।

## ଖେଳ ଖବର ...

### କନ୍ଧେନବୁଢ଼ୀ କ୍ରିକେଟ : ଥାଲବନ୍ଧ ଚାମ୍ପିୟନ

ଦେଓଗାଁ, ୧୧(ଡି.ଏନ.ଏ.)

ଦେଓଗାଁ ବ୍ଲକ ରୁଗୁଡିପାଲି ଖେଳପଡିଆରେ ଚାଲିଥିବା କନ୍ଧେନବୁଢ଼ି କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚାଣ୍ଟିପଦରକୁ ହରାଇ ଥାଲବନ୍ଧ ବିଜୟୀ ହୋଇଥିଲା। ଅତିଥିଭାବେ ବିଜେଡି ନେତା ଅର୍କେଶ ନାରାୟଣ ସିଂଦେଓ, ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସରପଞ୍ଚ ବାଳକ ପଧାନ, ବ୍ଲକ ଉପାଧ୍ୟକ୍ଷ ରାଜୁ ବାଗ, ବିଭୂତି ଭୂଷଣ ମିଶ୍ର ପମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।

### ଜୟଜଗନ୍ନାଥ ଫୁଟ୍‌ବଲ : ସେମିରେ ମାଙ୍କଡ଼ଚୁଆଁ

ଦେଓଗାଁ, ୧୧(ଡି.ଏନ.ଏ.)

ଦେଓଗାଁ ବ୍ଲକ ଫଟାମୁଣ୍ଡା ଖେଳପଡିଆରେ ସୋମବାର ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚ ଘୁଟିପାଲି ଓ ମାଙ୍କଡଚୁଆଁ ମଧରେ ହୋଇଥିଲା। ଏଥିରେ ମାକଡଚୁଆଁ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ନୁଆପଡାକୁ ହରାଇ କୁଦେଇପାଲି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ କୁଦେଇପାଲି ଓ ମାକରଚୁଆଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମାକରଚୁଆଁ ବିଜୟୀ ହୋଇ ପ୍ରଥମଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି ।

### କଳିଙ୍ଗ ମେମୋରିଆଲ ଫୁଟବଲ : ଅମାମୁଣ୍ଡାକୁ ଟ୍ରଫି

ଲୋଇସିଂହା,୧୧(ଡି.ଏନ.ଏ)

ଲୋଇସିଂହା ବ୍ଲକ ବୁଦେଲବାହାଲିଠାରେ ଚାଲିଥିବା କଳିଙ୍ଗ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଆମାମୁଣ୍ଡା


ଅତିଥିଙ୍କ ସହ ଖେଳାଳିମାନେ।

ଓ ସାହାଜବାହାଲ ମଧ୍ୟରେ ହୋଇଥିଲା। ସହାଜବାହାଲକୁ ୨-୧ଗୋଲରେ ହରାଇ ଅମାମୁଣ୍ଡା ଚାମ୍ପିୟନ ହୋଇଥିଲା। କପୁରଚନ୍ଦ୍ର ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଯୁବନେତା ନିହାର ରଞ୍ଜନ ବେହେରା, ବିଦ୍ୟା ଧରୁଆ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୩ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା ।

### କରାଟେ ଆସୋସିଏଶନର ବେଲ୍ଟ ଗ୍ରେଡିଂ

ବୌଦ୍ଧ,୧୧(ସ୍ୱ.ପ୍ର)

ବୌଦ୍ଧର ଆର୍ଟସ ଟେମ୍ପୁଲ କରାଟେ ଆସୋସିଏଶନ ପକ୍ଷରୁ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ବେଲ୍ଟ ଗ୍ରେଡିଂ ପରୀକ୍ଷା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାର ୪୦ ଜଣ ଛାତ୍ରୀଛାତ୍ର ଯୋଗଦେଇ କୃତିତ୍ୱର ସହ ବିଭିନ୍ନ ଗ୍ରେଡ୍‌ର ବେଲ୍ଟ ହାସଲ କରିଥିଲେ। ଏହି ଗ୍ରେଡିଂ ପରୀକ୍ଷାକୁ ଆର୍ଟ ଟେମ୍ପୁଲର ପ୍ରଶିକ୍ଷକ ସୁଧୀର କୁମାର ବାରିକ୍ (ଥାର୍ଡ ଡନ ବ୍ଲାକବେଲ୍ଟ) ଆୟୋଜନ ଓ ପରିଚାଳନା କରିଥିଲେ। ସୁବର୍ଣ୍ଣପୁର ଜିଲା କରାଟେ ଆସୋସିଏଶନ ପ୍ରଶିକ୍ଷକ ସରୋଜ ପୁଜାହାରୀ (ସେକେଣ୍ଡ ଡନ ବ୍ଲାକବେଲ୍ଟ) କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରୀକ୍ଷଣ ପରେ ଉପଯୁକ୍ତ ଚୟନ କରାଯାଇ ଗ୍ରେଡିଂ ଅନୁଯାୟୀ ବେଲ୍ଟ ପ୍ରଦାନ କରାଯାଇଥିଲା । ଉପଦେଷ୍ଟା ମୃତ୍ୟୁଞ୍ଜୟ ମିଶ୍ର, ସ୍ୱରୂପ କୁମାର ପଟ୍ଟନାୟକ, ଜ୍ଞାନ ରଞ୍ଜନ ମହାନ୍ତି କୃତୀ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ପ୍ରଦାନ କରିଥିଲେ।

### ସତୀହାରି କ୍ରିକେଟ: ପୁରେନା ଚାମ୍ପିୟନ

ପଦ୍ମପୁର, ୧୧ (ଡି.ଏନ.ଏ)

ପଦ୍ମପୁର ନିକଟ ସତୀଭଟାଠାରେ ସତୀହାରୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ନାଗେନମାଲକୁ ହରାଇ ପୁରେନା ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ଅଶୋକ ମିଶ୍ର, ନନ୍ଦୁ ଅଗ୍ରୱାଲ, ଦିଲୀପ କୁମ୍ଭାର, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ, ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।

### ଶିକ୍ଷକ ଏକାଦଶ କ୍ରିକେଟ: ପଦ୍ମପୁର ଚାମ୍ପିୟନ

ପଦ୍ମପୁର, ୧୧ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଚନ୍ଦ୍ରମଣିପୁର ଉଚ୍ଚ ବିଦ୍ୟାଳୟ ଭୈଷାଦର୍ହା ଖେଳ ପଡିଆରେ ଦ୍ୱିତୀୟ ଶିକ୍ଷକ ଏକାଦଶ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଝାରବନ୍ଧ ଓ ପଦ୍ମପୁର ମଧରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ପଦ୍ମପୁର ଦଳ ବିଜୟୀ ହୋଇଥିଲା। ଉଦଯାପନୀ ଉତ୍ସବରେ ସ୍ଥାନୀୟ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମକରଧ୍ୱଜ ପଟେଲ ମୁଖ୍ୟଅତିଥି, ଥବୀର ରାଉତରାୟ, ମଧୁସୂଦନ ଦେବତା, ଉପେନ୍ଦ୍ର ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ଚାମ୍ପିୟନ ଓ ରନର୍ସ ଦଳକୁ ସମ୍ମାନୀତ କରିଥିଲେ ।

### ଏମ୍‌ଏନ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ ଜିତିଲା ରୁଗୁଡ଼ିପାଲି

ଅମରପାଲି, ୧୧ (ଡି.ଏନ.ଏ.)

ବୀରମହାରାଜପୁର ଉଫୁଲାଠାରେ ଚାଲିଥିବା ଏମ୍‌ଏନ୍‌ସିସି କ୍ରିକେଟ ଟୁର୍ନାମେଣ୍ଟରେ ଦୀପକ ଫାଇଟର୍ ବୀରମହାରାଜପୁରକୁ ହରାଇ ରୁଗୁଡିପାଲି (ବରଗଡ) ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ଖେଳାଯାଇଥିଲା। ପ୍ରଥମ ଫର୍ମାଟରେ ରୁଗୁଡିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୬ ଉଇକେଟ ହରାଇ ୧୫୪ ରନ କରିଥିଲା। ଜବାବରେ ଦୀପକ ଫାଇଟର୍ ବୀରମହାରାଜପୁର ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ରୁଗୁଡିପାଲି ନିର୍ଦ୍ଧାରିତ ୬ ଓଭରରେ ୮୮ ରନ ସଂଗ୍ରହ କରିଥିଲା। ଜବାବରେ ବୀରମହାରାଜପୁର ୭ ଉଇକେଟ ହରାଇ ୬୫ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ରୁଗୁଡିପାଲି ଚାମ୍ପିୟନ ହୋଇଥିଲା। ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ, ଉପାଧକ୍ଷା ସୁଷମା ଭୋଇ, ସମିତି ସଭ୍ୟା ରୀତାଞ୍ଜଳି ପଧାନ, ପ୍ରିୟବ୍ରତ ସାହୁ, ସତ୍ୟେନ୍ଦ୍ର ଗୁପ୍ତା ଯୋଗଦେଇ ଚାମ୍ପିୟନ ଦଳକୁ ୧୫ ହଜାର ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୯ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।


ଚାମ୍ପିୟନ ରୁଗୁଡିପାଲି ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

**ଆରଏସ୍‌ପି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା**

ରାଉରକେଲା ଅଫିସ,୧ ।୨: ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ସୋମବାର ପ୍ରାୟ ୫ଶହ କର୍ମଚାରୀ, ବିଭିନ୍ନ ଅଧିକାରୀ, ସିଆଇଏସ୍‌ଏଫ କର୍ମୀ, ଠିକା ଶ୍ରମିକ, ଠିକାଦାରମାନେ ଏକତ୍ରିତ ହୋଇ ସଡ଼କ ସୁରକ୍ଷା ଉପରେ ବାର୍ତ୍ତା ପ୍ରଚାର କରିଥିଲେ। ସଂସ୍କାର ଫାଟକ ଓ ମୁଖ୍ୟ ଫାଟକରୁ ଜେନେରାଲ ସିଷ୍ଟରେ ଆସୁଥିବା ଅଧିକାଂଶ କର୍ମଚାରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷାର ବାର୍ତ୍ତା ସୁପ୍ରସାରିତ କରିବା ନିମନ୍ତେ ସକାଳ ସାଢ଼େ ୯ଟା ପର୍ଯ୍ୟନ୍ତ ଏହି ଅଭିଯାନର ଆୟୋଜନ କରାଯାଇଥିଲା।

# ଖୋଲିବ ଦକ୍ଷତା ବିକାଶ କେନ୍ଦ୍ର

ସମ୍ବଲପୁର,୧।୨ (ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର ଦକ୍ଷତା ବିକାଶ କେନ୍ଦ୍ର ଖୋଲିବ। ସମ୍ବଲପୁର ଆଇଆଇଏମ୍ ସହ ଏ ନେଇ ଏମ୍ଓୟୁ ସ୍ୱାକ୍ଷର ହେବାକୁ ସ୍ଥିର ହୋଇଛି। ସ୍ଥାନୀୟ ସହିତ ପ୍ରତି କଲେଜ ଯୁବତୀଯୁବକ ଏଥିରୁ ଲାଭ ପାଇପାରିବେ। ଏଥିପାଇଁ କଲେଜଗୁଡ଼ିକର ସହଯୋଗର ଆବଶ୍ୟକତା ରହିଛି ବୋଲି ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗ ସମ୍ମିଳନୀ କକ୍ଷରେ ସୋମବାର କଲେଜ ଡେଭଲପ୍‌ମେଣ୍ଟ କମିଟି (ସିଡିସି) ବୈଠକରେ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଥିଲେ। ସେ ଆହୁରି କହିଥିଲେ ଯେ, ଆଗାମୀ ଏକବର୍ଷ ଭିତରେ ପ୍ରତି କଲେଜରେ ଅଟୋମେଟିକ ପରୀକ୍ଷା ପରିଚାଳନା କରାଯିବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କଲେଜଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି, ଲାବରେଟୋରି, ଟେକ୍ନିସିଆନ୍, ଲାଇବ୍ରେରି ଭଳି ଯାହା ଆନୁଷଙ୍ଗିକ ସମସ୍ୟା ରହିଛି ସମୟ ପୂର୍ବରୁ ସଜାଡିବା ଦରକାର। ଯଦି ଆବଶ୍ୟକ ପଡେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ସହଯୋଗ କରାଯିବ। ଶୀଘ୍ର ବିଶ୍ୱବିଦ୍ୟାଳୟରୁ ଏକ ଟିମ୍ କଲେଜ ପରିଦର୍ଶନ କରିବ। ସେ ସମୟରେ କଲେଜରେ କୌଣସି ତ୍ରୁଟି କିମ୍ବା ସମସ୍ୟା ଥିଲେ ସେଥିପାଇଁ କଲେଜ କର୍ତ୍ତୃପକ୍ଷ ଦାୟୀ ରହିବେ। କଲେଜଗୁଡ଼ିକର ଉନ୍ନତିରେ ଅଧ୍ୟକ୍ଷମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଅଧ୍ୟାପିକା ଅଧ୍ୟାପକମାନେ ସମୟାନୁବର୍ତ୍ତୀ ହୋଇ ଯେଉଁଭଳି ନିୟମିତ କ୍ଲାସ କରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। କେବଳ ଚାକିରୀ ଉଦ୍ଦେଶ୍ୟ ରଖା ନ ଯାଇ ଛାତ୍ରୀଛାତ୍ର ଯେଉଁଭଳି ଉଦ୍ୟୋଗୀ ହୋଇ ରୋଜଗାରକ୍ଷମ ହେବେ ସେ ନେଇ ପରାମର୍ଶ ଓ ଶିକ୍ଷାଦାନ କରାଯାଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିସି ଅଧ୍ୟକ୍ଷ ଅଜୟ କୁମାର ବେହେରା, ପିଜି କାଉନ୍‌ସିଲ ଅଧ୍ୟକ୍ଷ ସଞ୍ଜିତ ସାହୁ, ରେଜିଷ୍ଟ୍ରାର ସୀତାରାମ ପଟେଲ, ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶିକା ଡ. ପ୍ରଭାବତୀ ଗୁରୁ, ପରୀକ୍ଷା ନିୟନ୍ତ୍ରଣ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ପ୍ରସନ୍ନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୨୨୦ କଲେଜରୁ ୨୦୦ କଲେଜର ଅଧ୍ୟକ୍ଷାଅଧ୍ୟକ୍ଷ ଉପସ୍ଥିତ ରହି ନିଜ ମତ ରଖିଥିଲେ।


ସିଡିସି ବୈଠକରେ ଉପସ୍ଥିତ ଅଧ୍ୟକ୍ଷା ଅଧ୍ୟକ୍ଷ ।

**ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସିଡିସି ବୈଠକ**
- ଆଇଆଇଏମ୍ ସହ ହେବ ଏମ୍ଓୟୁ
- ଯୋଗଦେଲେ ୨ ଶହ କଲେଜର ଅଧ୍ୟକ୍ଷ

# ବକେୟା ଦରମା ପ୍ରଦାନ ଦାବିରେ ଶ୍ରମିକଙ୍କ ଧାରଣା

ରାଜଗାଙ୍ଗପୁର, ୧।୨ (ଡି.ଏନ.ଏ)

ରାଜଗାଙ୍ଗପୁରର ଜାମପାଲିଠାରେ ଥିବା ଓସିଏଲ ଆଇରନ ଏଣ୍ଡ ଷ୍ଟିଲ ଲିମିଟେଡ କାରଖାନାର ଅନୈତିକ ଲକ ଆଉଟ୍ ଓ ବକେୟା ଟଙ୍କା ଦାବିରେ କାରଖାନାର ଶ୍ରମିକ ତଥା ଶ୍ରମିକ ସଂଘ (ସିଆଇଟିୟୁ) ଦ୍ୱାରା ସୋମବାର ସକାଳ ୧୦ଟାରୁ କାରଖାନା ସମ୍ମୁଖରେ ତଥା ରାଜ୍ୟ ରାଜପଥ ନଂ. ୧୦ରେ ଶ୍ରମିକମାନେ ଧାରଣାରେ ବସିଥିଲେ। ଏହାଦ୍ୱାରା ଜାତୀୟ ରାଜପଥ ଅଚଳ ହୋଇଯିବାରୁ ସ୍ଥାନୀୟ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସାଢ଼େ ୧୦ଟାରେ ଶ୍ରମିକଙ୍କୁ ବୁଝାଇ ରାଜପଥରୁ ଉଠାଇବାରେ ସକ୍ଷମ ହୋଇଥିଲେ। ଶ୍ରମିକମାନଙ୍କଠାରୁ ଏହି ଘଟଣାର ସମାଧାନ ପାଇଁ କିଛି ସମୟ ମାଗିଥିଲେ। ଶ୍ରମିକମାନେ ରାଜରାସ୍ତାରୁ ଉଠିଲେ ମଧ୍ୟ କାରଖାନାର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଅପରାହ୍ନରେ ରାଜଗାଙ୍ଗପୁର ଥାନାଧିକାରୀ ଗୋକୁଳାନନ୍ଦ ସାହୁ, କୁତ୍ରା ଅତିରିକ୍ତ ତହସିଲଦାର ହାବିଲ ଖାଖା, ସହକାରୀ ଶ୍ରମଧିକାରୀ ସୁନ୍ଦରଗଡ ରବୀନ୍ଦ୍ର ବାର୍ଲା, ଶ୍ରମ ପରିଦର୍ଶକ ହେମନ୍ତ ପ୍ରଧାନ ପ୍ରଭୃତି ଘଟଣା ସ୍ଥଳରେ ପହଞ୍ଚି ଶ୍ରମିକ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ଯୁଗ୍ମ ଶ୍ରମ ନିର୍ଦ୍ଦେଶକ, ରାଉରକେଲାଙ୍କ ଦ୍ୱାରା ଏ ସମ୍ବନ୍ଧରେ ନିଆଯାଇଥିବା ପଦକ୍ଷେପର ଏକ ଚିଠି ଦେଖାଇ ଆଲୋଚନାମାନ ହୋଇଥିଲା ଓ ଶେଷରେ ସନ୍ଧ୍ୟା ୬ଟାରେ ଏହା ସ୍ଥିରୀକୃତ ହୋଇଥିଲା ଯେ ଶ୍ରମିକ କିମ୍ବା ଶ୍ରମିକ ସଙ୍ଗଠନ ରାଜରାସ୍ତାକୁ ବନ୍ଦ କରିବେ ନାହିଁ କିନ୍ତୁ କାରଖାନା ସମ୍ମୁଖରେ ଧାରଣାରେ ବସି ରହିବେ । ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ ଗସ୍ତରେ ଆସୁଛନ୍ତି। ତେଣୁ ଯଦି ଏହାର ସମ୍ପୂର୍ଣ୍ଣ ସମାଧାନ ୧୬ ତାରିଖ ସୁଦ୍ଧା ନ ହେଉଛି ତେବେ ୧୭ରୁ ଏହି ଧାରଣା ଜିଲାବ୍ୟାପି ଭୟଙ୍କର ରୂପ ନେବ ବୋଲି ସିଆଇଟିୟୁ ରାଜ୍ୟ ସମ୍ପାଦକ ତଥା କାରଖାନାର ସିଆଇଟିୟୁ ଶ୍ରମିକ ସଙ୍ଗଠନ ସଭାପତି ବିଷ୍ଣୁଚରଣ ମହାନ୍ତି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି, କାରଖାନାର ଲକ୍ ଆଉଟ ୨୦୨୦ ମସିହା ଏପ୍ରିଲ ୧ ତାରିଖରୁ ହୋଇ ଆସୁଅଛି ଓ ଶ୍ରମିକମାନଙ୍କର ଦରମା ବୋନସ ଇପିଏଫ ଇତ୍ୟାଦି ପଡି ରହିଛି ।



ସିଆଇଟିୟୁ ଦ୍ୱାରା ଆଲୋଚନା କରାଯାଉଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ ମୃତ

ବେଦବ୍ୟାସ, ୧।୨ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକ ନିକଟରେ ସୋମବାର ପୂର୍ବାହ୍ନ ୧୦ଟା ବେଳେ ଏକ ଟ୍ରକ ଧକ୍କାରେ ଜଣେ ସ୍କୁଟି ଆରୋହୀ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଜଣେ ଗୁରୁତର ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁଇ ମହିଳା ଗଡପୋଷ ନିବାସୀ ସୁଶିଲା ମିଞ୍ଜ (୩୦) ଓ କେଶରମାଲ ନିବାସୀ ଅଞ୍ଜଳି ବାଗ (୩୫) ରାଜଗାଙ୍ଗପୁର ପାର୍ଶ୍ୱରୁ ରାଉରକେଲାକୁ ଚିକିତ୍ସା ନିମନ୍ତେ ସ୍କୁଟି ନଂ. ଓଡି ୧୪ ଡି- ୫୫୧୩ରେ ଆସୁଥିଲେ। ବେଦବ୍ୟାସ ଛକ ନିକଟରେ ରାଉରକେଲା ପାର୍ଶ୍ୱରୁ ଆସୁଥିବା ଏକ ଟ୍ରକ ନଂ. ଓଆର ୧୬ ବି- ୪୨୪୩ ଧକ୍କା ଦେଇଥିଲା । ଫଳରେ ସ୍କୁଟିରେ ଥିବା ଦୁଇ ମହିଳା ଛିଟିକି ପଡି ଗୁରୁତର ହୋଇଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅଞ୍ଜଳି ବାଗଙ୍କ ମୃତ୍ୟୁ ଘଟିଛି।

### ହାଇୱେ ପାଟ୍ରୋଲିଂ ବ୍ୟବସ୍ଥାର ଶୁଭାରମ୍ଭ

ରାଉରକେଲା ଅଫିସ,୧ ।୨: ବିଭିନ୍ନ ସମୟରେ ହାଇୱେ ଉପରେ ଘଟୁଥିବା ଦୁର୍ଘଟଣା, ଛିନ୍‌ତାଇ, ଅପରାଧମୂଳକ କାର୍ଯ୍ୟ ରୋକିବା ପାଇଁ ପାନପୋଷ ଛକରେ ହାଇୱେ ପାଟ୍ରୋଲିଂ ବ୍ୟବସ୍ଥାର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଜିଟାଲ କନ୍‌ଫରେନ୍ସ ମାଧ୍ୟମରେ ଏହି ସେବାର ଶୁଭାରମ୍ଭ କରିଥିଲେ। ଏହି ପାଟ୍ରୋଲିଂ ଗାଡ଼ି ପ୍ରତିଦିନ ପାନପୋଷ ଛକରୁ କାଂଶବାହାଲ ହାଇୱେ ଉପରେ ପରିଭ୍ରମଣ କରିବ । ଏହି ଗାଡ଼ିରେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ୩ କନଷ୍ଟେବଲ ବା ହୋମଗାର୍ଡ଼ ରହିବେ। ହାଇୱେ ଉପରେ କୌଣସି ଦୁର୍ଘଟଣା ବା ଅପରାଧମୂଳକ କାର୍ଯ୍ୟ ଘଟିଲେ ଏହି ଗାଡ଼ି ତୁରନ୍ତ ପହଞ୍ଚି ସାହାର୍ଯ୍ୟ କରିବ। ଆଜିର ଏହି ଉଦଘାଟନୀ ଉତ୍ସବରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ଅତିରିକ୍ତ ଜିଲାପାଳ ଆବେଲି ସୁନିଲ ନରୱେଣ, ଡିଆଇଜି କବିତା ଜଲାନ, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ବରିଷ୍ଠ ଟ୍ରାଫିକ ଅଧିକାରୀ ସମରେନ୍ଦ୍ର କୁମାର ନାୟକ, ବିଧାୟକ ସାରଦା ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସୁନ୍ଦରଗଡ଼ ଦିବସକୁ ସରକାରୀ ସ୍ତରରେ ପାଳନ ଦାବି

ସୁନ୍ଦରଗଡ଼, ୧।୨(ଡି.ଏନ୍.ଏ): ଜାନୁୟାରୀ ୧ତାରିଖରେ ସୁନ୍ଦରଗଡ ଦିବସକୁ ସରକାରୀ ଭାବେ ପାଳନ କରାଯିବା ଓ ଏହି ଦିନରେ ଜିଲା ସାଂସ୍କୃତିକ ମହୋତ୍ସବ ଯତ୍‌ରାକୁ ଗାଙ୍ଗପୁର ମହୋତ୍ସବ ନାମରେ ପାଳନ କରାଯିବାକୁ ଦାବି ହୋଇଛି। ସଂସ୍କୃତି ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସୁନ୍ଦରଗଡ ଗସ୍ତ ଅବସରରେ ଜିଲା ଓକିଲ ସଂଘ ପକ୍ଷରୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ ଦର୍ଶାଯାଇଛି ଯେ, ଜାନୁୟାରୀ ୧ ତାରିଖ ୧୯୪୮ ମସିହାରେ ଦୁଇଟି ଗଡଜାତ ରାଜ୍ୟ ଗାଙ୍ଗପୁର ଓ ବଣାଇଁଗଡକୁ ମିଶାଇ ସୁନ୍ଦରଗଡ ଜିଲା ଗଠିତ ହୋଇଥିଲା। ଏଣୁ ସୁନ୍ଦରଗଡ ଦିବସକୁ ସରକାରୀ ସ୍ତରରେ ପାଳନ କରାଯିବା ସହ ପ୍ରତି ଜାନୁୟାରୀ ମାସ ଶେଷ ସପ୍ତାହରେ ପାଳନ ହେଉଥିବା ଜିଲା ସାଂସ୍କୃତିକ ମହୋତ୍ସବ ଯତ୍‌ରାକୁ ଆଗାମୀ ବର୍ଷ ଜାନୁୟାରୀ ୧ ରୁ ଏହାକୁ ଗାଙ୍ଗପୁର ମହୋତ୍ସବ ଭାବେ ପାଳନ କରାଯାଉ। ଏହା ଦ୍ୱାରା ସୁନ୍ଦରଗଡ ଜିଲାର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ସମସ୍ତେ ଅବଗତ ହୋଇପାରିବେ ବୋଲି କୁହାଯାଇଛି। ଜିଲା ଓକିଲ ସଂଘର ଉପସଭାପତି ନରେଶ କୁମାର ନାଏକ, ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ସହସମ୍ପାଦକ ପ୍ରଣବ କୁମାର ସିଂ, କାର୍ଯ୍ୟକାରୀ କମିଟିର ସଦସ୍ୟ ପ୍ରେମକୁମାର ଓ ମନୋଜ କୁମାର ମହାରଣା ଉପସ୍ଥିତ ଥିଲେ।

### ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ

ସମ୍ବଲପୁର, ୧।୨ (ବ୍ୟୁରୋ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅନ୍ତର୍ଗତ ନେହେରୁ ଯୁବ କେନ୍ଦ୍ର ବିଭିନ୍ନ ସଚେତନମୂଳକ କାର୍ଯ୍ୟ କରିଆସୁଛି। ଚଳିତବର୍ଷ ମଧ ସମ୍ବଲପୁର ଜିଲାରେ ସ୍ୱାସ୍ଥ୍ୟ, ଶିକ୍ଷା, ପରିମଳ ଭଳି ସାମାଜିକ କାର୍ଯ୍ୟ କରିଛି। ଏହି କ୍ରମରେ ନେହେରୁ ଯୁବ କେନ୍ଦ୍ର (ଏନ୍‌ୱାଇକେ) ଭଲ୍ୟୁଣ୍ଟିୟର୍ କାର୍ଯ୍ୟ କରିବା ଲାଗି ନିଯୁକ୍ତି ସୁଯୋଗ ଆଣିଛି। ଏଥିପାଇଁ ୧୯ରୁ ୨୯ ବର୍ଷ ମଧ୍ୟରେ ନନ୍‌ରେଗୁଲାର ଛାତ୍ରୀଛାତ୍ର ଚାକିରୀ ନିମନ୍ତେ ଆବେଦନ କରିପାରିବେ। ସୋମବାର ଏ ନେଇ ଏନ୍‌ୱାଇକେ ଜିଲା ଯୁବ ଅଧିକାରୀ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ପାଥୋଲ୍ୟାବ୍, ଡାଇଗ୍ନୋଷ୍ଟିକ୍ ସେଣ୍ଟରର ଶିଳାନ୍ୟାସ

ଲଖନପୁର,୧।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଇକେରାରେ ରାଜ୍ୟ ସରକାର ଓ ବେଦାନ୍ତ କମ୍ପାନୀର ମିଳିତ ସହଭାଗିତାରେ ଅତ୍ୟାଧୁନିକ ପାଥୋଲ୍ୟାବ୍ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର ନିର୍ମାଣ ହେବ। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସୋମବାର ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଉତ୍ସବରେ ଜିଲାପାଳ ସରୋଜ କୁମାର ସାମଲ, ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲମୋହନ ରାଉତରାୟ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ତପିରାମ ମାଝି, ଜିଲାପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପଟେଲ, କିର୍ମିରା ବ୍ଲକ୍ ଅଧ୍ୟକ୍ଷ ତେଜରାଜ ସାହୁ, ଲଇକେରା ବ୍ଲକ୍ ଅଧ୍ୟକ୍ଷା ରୋଜାଲିନ ପଟେଲ ଓ ବେଦାନ୍ତ କମ୍ପାନୀ ଅଧିକାରୀ ଛବିନାଥ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଏହି ସେଣ୍ଟର ହେବା ଦ୍ୱାରା ଲଇକେରା, କିର୍ମିରା ଓ କୁଲାବିରା ବ୍ଲକ୍ ଅଞ୍ଚଳର ଜନସାଧାରଣ ଉପକୃତ ହୋଇପାରିବେ ବୋଲି କହିଥିଲେ। ଏହାର ନିର୍ମାଣକାର୍ଯ୍ୟ ୧ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ବେଦାନ୍ତ ଅଧିକାରୀ ସିଂହ କହିଛନ୍ତି।



ଶିଳାନ୍ୟାସ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅନ୍ୟମାନେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଆଲୋଚନାଚକ୍ର

ରାଉରକେଲା ଅଫିସ,୧।୨

ବେଦବ୍ୟାସ ମହାବିଦ୍ୟାଳୟ ପରିସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସଭାପତି ସୁଦାମ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ବିଶିଷ୍ଟ ସାହିତ୍ୟିକ ପ୍ରଧ୍ୟାପକ ବିଭୂତି ଭୂଷଣ ପଣ୍ଡା, ଡ. ଭାବଗ୍ରାହୀ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀର ଭୂମିକା ଉପରେ ବିଭିନ୍ନ ବକ୍ତାମାନେ ମତ ପୋଷଣ କରିଥିଲେ। ଭାରତ ବର୍ଷରେ ଓଡ଼ିଶା ରାଜ୍ୟ ଶ୍ରେଷ୍ଠ ଓ ଏହାର ସାହିତ୍ୟ, ଭାଷା ସଂସ୍କୃତି, ଐତିହ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପଣ୍ଡା କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ସହ ମହାବିଦ୍ୟାଳୟର ଇତିବୃତ୍ତି ଓ ଉତ୍କଳ ସମ୍ମିଳନୀ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଗବେଷିକା ଅଶ୍ଳେଷା ଅଭିସପା ପଣ୍ଡା ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ସମ୍ମିଳନୀର ସଭାପତି ଡ. କିଶୋରୀ ଦାଶ ଏହି ଆଲୋଚନାଚକ୍ରକୁ ସଞ୍ଚାଳନ କରିଥିଲେ। ଏଥିରେ ଉପସଭାପତି ତପସ୍ୱିନୀ ବଇଦାର, ଅଧ୍ୟାପକ ପରମେଶ୍ୱର ଶତପଥି, ସୁବାସ ଚନ୍ଦ୍ର ଲେଙ୍କା, ସୁନୀଲ କୁମାର ମହାନ୍ତି, ନୀଳକଣ୍ଠ ମହାନ୍ତି, ଜ୍ୟୋତ୍ସ୍ନାରାଣୀ ଦାସ, ନୃସିଂହଚରଣ ଜେନା, ସୁରେଶଚନ୍ଦ୍ର ମାଝି, ଆଲିଶା ଆରୋସିଆ ପଣ୍ଡା, ହରିହର ଶତପଥୀ, ସନ୍ତୋଷ କୁମାର ଲେଙ୍କା ପ୍ରବାଳ ବାରିକଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ଡୁମେରପଡା ଚାମ୍ପିୟନ

ସମ୍ବଲପୁର, ୧।୨ (ବ୍ୟୁରୋ)

ଏସ୍‌କେଏସ୍ ଏକାଦଶ ଆୟୋଜିତ ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ସମ୍ବଲପୁର ମନ୍ଦଲିଆ ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଡୁମେରପଡା ଓ ଜୟଘଣ୍ଟ ମଧ୍ୟରେ ହୋଇଥିଲା। ଶେଷରେ ଡୁମେରପଡା ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମୀରରଞ୍ଜନ ବାବୁ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ଡା. ରାଜକୁମାର ବଡପଣ୍ଡା, ରାଜ୍ୟ ଯୁବମୋର୍ଚ୍ଚା ସଭ୍ୟ ପ୍ରଦ୍ୟୁମ୍ନଦତ୍ତ ପଣ୍ଡା, ହାସିମ ରାଜା, ସମ୍ମାନିତ ଅତିଥି ଥିଲେ। ନିଖିଳ କାଣ୍ଡ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ସମ୍ବଲପୁର ବିଧାୟକ ଟ୍ରଫି ପ୍ରଦାନ କରୁଛନ୍ତି ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବ ଛତୁଚାଷ

ଟେନ୍‌ସା,୧।୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ମାଲଦା ଗ୍ରାମପଞ୍ଚାୟତରେ ଥିବା ଟାଟା ଷ୍ଟିଲ ବିଏସଏଲ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଛତୁ ଚାଷ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କଲମାଙ୍ଗର ପାତ୍ରପଡାଠାରେ ଆୟୋଜିତ ହୋଇଥିଲା। ଟାଟା ଷ୍ଟିଲ ବିଏସଏଲ ସିଏସଆର୍ ବିଭାଗ ପକ୍ଷରୁ କୋଇରା ବ୍ଲକ ଖଣି ଅଞ୍ଚଳରେ ଛତୁ ଚାଷ ପ୍ରଶିକ୍ଷଣ ସହିତ ପ୍ରଶିକ୍ଷଣ ପାଇଁ ଆବଶ୍ୟକୀୟ ସରଞ୍ଜାମ ମଧ୍ୟ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଉକ୍ତ ଅଞ୍ଚଳର ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀରୁ ୧୨ଜଣ ମହିଳା ସଦସ୍ୟା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଟାଟା ଷ୍ଟିଲ ବିଏସଏଲ ପକ୍ଷରୁ ଏନେଇ ଆବଶ୍ୟକ ଥିବା ସାମଗ୍ରୀ ତଥା ଛତୁମଞ୍ଜି, ପାଳ, ପଲିଥିନ ଇତ୍ୟାଦି ମହିଳା ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା। ଟାଟା ଷ୍ଟିଲ ବିଏସଏଲ ସିଏସଆର୍ କଲମାଙ୍ଗ ୟୁନିଟ ମୁଖ୍ୟ ସଞ୍ଜୟ ସର୍ଦ୍ଦାରଙ୍କ ସହିତ କମ୍ପାନୀର ବରିଷ୍ଠ ଅଧିକାରୀ ରେଣୁକା ସିଂହ ଏବଂ ଫିଲ୍ଡ କୋର୍ ଦୀପକ ମହନ୍ତ ପ୍ରମୁଖ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗକୁ ପର୍ଯ୍ୟାୟକ୍ରମେ ଚାଲୁ ରହିବ। ଯେଉଁଠାରେ ମୁଖ୍ୟତଃ ବୈଷୟିକ ଜ୍ଞାନ ଏବଂ ଛତୁର ମାର୍କେଟିଂ ଉପରେ ଅଧିକ ଧ୍ୟାନ ଦିଆଯିବ ବୋଲି ୟୁନିଟ ମୁଖ୍ୟ ସଞ୍ଜୟ ସର୍ଦ୍ଦାର କହିଥିଲେ।

## ପାନପୋଷ ଭାଜପା ପକ୍ଷରୁ ଭାଗ୍ୟଶ୍ରୀଙ୍କୁ ପ୍ରଶଂସା

ରାଉରକେଲା ଅଫିସ,୧।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତରେ ରାଉରକେଲା ଝିଅ ଭାଗ୍ୟଶ୍ରୀ ସାହୁଙ୍କୁ ପ୍ରଶଂସା କରିଥିଲେ । ପାନପୋଷ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଭାଗ୍ୟଶ୍ରୀଙ୍କୁ ସମ୍ମାନିତ କରାଯାଇଛି। ଇଞ୍ଜିନିୟରିଂ ଛାତ୍ରୀ ଭାଗ୍ୟଶ୍ରୀ ପାଠ ପଢ଼ା ସଙ୍ଗେ ସଙ୍ଗେ ବିଭିନ୍ନ ବୋତଲ, ପଥରରେ ପଟଚିତ୍ର ଆଙ୍କି ନିଜର ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାକୁ ସ୍ୱାଗତ କରି ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ମ୍ୟାଲେରିଆ ଗବେଷଣା କେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ



କଂଗ୍ରେସ ପକ୍ଷରୁ ଏଡ଼ିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ରାଉରକେଲା ଅଫିସ,୧।୨

ରାଉରକେଲା ମ୍ୟାଲେରିଆ ଗବେଷଣା କେନ୍ଦ୍ରକୁ ରାଞ୍ଚି ଉଠାଇ ନେବା ନିଷ୍ପତ୍ତିର ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଉକ୍ତ ବିକ୍ଷୋଭରେ ଯୋଗ ଦେଇଥିଲେ। ସେକ୍ଟର-୫ ଠାରେ ଥିବା ଜାତୀୟ ମ୍ୟାଲେରିଆ ଗବେଷଣା କେନ୍ଦ୍ରକୁ ସ୍ୱାସ୍ଥ୍ୟପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରାଞ୍ଚିକୁ ବଦଳି କରାଯାଇଛି। ଏଥିସହ ଏଠାରେ ଥିବା ୬୦କର୍ମଚାରୀଙ୍କୁ ମଧ୍ୟ ବଦଳି କରାଯାଇଛି। ବର୍ତ୍ତମାନ ମାତ୍ର ୧୯ କର୍ମଚାରୀ ଥିବାବେଳେ ଏମାନଙ୍କୁ ମଧ୍ୟ ଅନ୍ୟ ରାଜ୍ୟକୁ ବଦଳି ନିର୍ଦ୍ଦେଶ ଦିଆଯାଇଛି। ସୁନ୍ଦରଗଡ଼ ଜିଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏହି କେନ୍ଦ୍ରର ଆବଶ୍ୟକତା ରହିଥିବା କଂଗ୍ରେସ ପକ୍ଷରୁ ଦାବି ହୋଇଛି। ଜିଲା କଂଗ୍ରେସ ପକ୍ଷରୁ ଦେଶର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ କଂଗ୍ରେସର ରାଉରକେଲା ବିଧାୟକ ପ୍ରାର୍ଥୀ ବୀରେନ ସେନାପତି, ନିହାର ରଞ୍ଜନ ଦାସ, ସବୀର ହୁସେନ, ପ୍ରଶାନ୍ତ ସେଠୀ, ନିରୁପମା ବଳିଆରସିଂ, କୀର୍ତ୍ତନ ଦାସ, କୈଳାସ ଚନ୍ଦ୍ର ସାହୁ, ଦେବବ୍ରତ ବିହାରୀ, ଶୁକ ଓରାମ, ରବିନା ବେହେରା, ଅହଲ୍ଲା ଖଡ଼ିଆ, ଆର.ପି ସିଂ, ଗଣେଷ ପ୍ରଧାନ, ଅଶୋକ ବଳ, ଶୁକମଣି କୁଜୁରଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆର୍‌ଜିଏଚ୍‌ରେ ଷ୍ଟ୍ରେଚର, ହୁଇଲ ଚେୟାର ଅଭାବ

ରାଉରକେଲା ଅଫିସ, ୧।୨

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ସହରର ଏକ ପ୍ରମୁଖ ହସ୍‌ପିଟାଲ ହୋଇଥିବାବେଳେ ଏଠାରେ ଦେଖାଦେଇଛି ଅବ୍ୟବସ୍ଥା। ଏହି ଡାକ୍ତରଖାନାରେ ପୋଡ଼ାଜଳା କକ୍ଷ, ଅସ୍ଥି, ମାତୃଶିଶୁ, ଅନ୍ତଃବିଭାଗ, ସର୍ଜରୀ ବିଭାଗ ନିକଟରେ କୌଣସି ରୋଗୀଙ୍କ ପାଇଁ ଷ୍ଟ୍ରେଚର ବା ହୁଇଲ ଚେୟାର ବ୍ୟବସ୍ଥା କରାଯାଇ ନାହିଁ। ଡାକ୍ତରଖାନାର ବର୍ହି ବିଭାଗ ସମ୍ମୁଖରେ ମାତ୍ର ୨ଟା ଷ୍ଟ୍ରେଚର ଓ ୨ଟି ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ସେହିଭଳି ଅନ୍ତଃବିଭାଗ ସମ୍ମୁଖରେ କୌଣସି ହୁଇଲ ଚେୟାର ଓ ଷ୍ଟ୍ରେଚର ବ୍ୟବସ୍ଥା କରାଯାଇ ନାହିଁ। ମାତୃଶିଶୁ ବିଭାଗରେ ବେଡ଼ ସଂଖ୍ୟା ୫୦ରୁ ଅଧିକ ଥିବାବେଳେ ୩ଟା ହୁଇଲ୍ ଚେୟାର ଓ ଗୋଟିଏ ଷ୍ଟ୍ରେଚର ବ୍ୟବସ୍ଥା କରାଯାଇଛି। ଫଳରେ ଜରୁରୀକାଳିନ ପରିସ୍ଥିତିରେ ଯଦି କୌଣସି ଗର୍ଭବତୀ ଡାକ୍ତରଖାନାକୁ ଆସେ ତେବେ ୧୦୮ ଆମ୍ବୁଲାନ୍ସର ଷ୍ଟ୍ରେଚର ସାହା ଭରସା ହେଉଥିବା ମାଲଗୋଦାମ ଅଞ୍ଚଳର ସୁନିତା ଲାକ୍ରା କହିଛନ୍ତି। ଅନ୍ୟପକ୍ଷେ ଆର୍‌ଜିଏଚ୍‌ରେ ଆଉଟ୍‌ଡୋର ସ୍ଥିତ ଷ୍ଟୋରପାଖରେ ଅନେକ ହୁଇଲ୍ ଚେୟାର ଓ ଷ୍ଟ୍ରେଚର ଦୀର୍ଘ ଦିନଧରି ପଡ଼ିରହି ଖତ ଖାଉଛି। ସେଗୁଡ଼ିକୁ ମରାମତି କରାଯାଉ ନାହିଁ। ଏହି ଡାକ୍ତରଖାନାର ଶଯ୍ୟା ବଢି ବର୍ତ୍ତମାନ ୪୦୦ ଶଯ୍ୟା ବିଶିଷ୍ଟ ରହିଛି। ବର୍ତ୍ତମାନ ଉକ୍ତ ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା ବଢ଼ିଥିବାବେଳେ ହୁଇଲ ଚେୟାର ବ୍ୟବସ୍ଥା ଓ ଷ୍ଟ୍ରେଚର ବ୍ୟବସ୍ଥାକୁ ଡାକ୍ତରଖାନା କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଇ ନାହାନ୍ତି। ଏତେ ସଂଖ୍ୟକ ରୋଗୀଙ୍କ ପାଇଁ ଡାକ୍ତରଖାନାରେ କେବଳ ୧୧ଟି ହୁଇଲ ଚେୟାର ଥିବାବେଳେ ଷ୍ଟେଚର ଅଛି ମାତ୍ର ୬ଟି। ଏନେଇ ବିରଜାପାଲି ଅଞ୍ଚଳରୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଶିବ କୁମାର କହନ୍ତି, ଏହି ଡାକ୍ତରଖାନାକୁ ମୋ ବାପାଙ୍କୁ ଶ୍ୱାସ ରୋଗ ହୋଇଥିବାରୁ ଚିକିତ୍ସା ପାଇଁ ଆଣିଥିଲି। କିନ୍ତୁ ମୋ ବାପା ବୃଦ୍ଧ ହୋଇଯାଇଥିବାରୁ ତାଙ୍କୁ ହୁଇଲ ଚେୟାରରେ ନେବା ସମ୍ଭବ ହୋଇ ନ ଥିଲା। ସେହିଭଳି ଶାନ୍ତିଲତା ବାଘାର କିରୋସିନ୍ ନିଆଁରେ ପୋଡ଼ି ହୋଇ ଆସିଥିବାବେଳେ ତାଙ୍କୁ ଏକ ଭଙ୍ଗା ଷ୍ଟ୍ରେଚରରେ ଡାକ୍ତରଙ୍କ ପାଖକୁ ଚିକିତ୍ସା ନିମନ୍ତେ ନିଆଯାଇଥିବା କହିଥିଲେ। ଏନେଇ ରାଉରକେଲା ସରକାରୀ ଡାକ୍ତରଖାନା ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଥିଲେ, ଷ୍ଟ୍ରେଚର ଓ ହୁଇଲ ଚେୟାର ସମସ୍ୟାକୁ ନେଇ ମୋ ପାଖକୁ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ଆସିନାହିଁ। ଡାକ୍ତରଖାନାରେ ଏହାର ଅଭାବ ଥିବାବେଳେ ଏନେଇ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇଛି। ଡାକ୍ତରଖାନା ଅତିରିକ୍ତ ନିର୍ଦ୍ଦେଶକ ପଣ୍ଡିତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ତୁଳନାରେ ହୁଇଲ ଚେୟାର ଓ ଷ୍ଟେଚର ଆବଶ୍ୟକତା ଜରୁରୀ ରହିଛି। ଜରୁରୀ କାଳିନ ପରିସ୍ଥିତିରେ ଆସୁଥିବା ରୋଗୀ ଓ ପ୍ରମୁଖ ୱାର୍ଡ଼ ଗୁଡ଼ିକରେ ଏହି ସେବା ଯୋଗାଇ ଦେବାକୁ ଉଦ୍ୟମ ଜାରି ରଖୁଛୁ।

**ନାହିଁ ନାହିଁରେ ଚାଲିଛି ଜରୁରୀକାଳୀନ ସେବା**


ରାଉରକେଲା ସରକାରୀ ଡାକ୍ତରଖାନାରେ ଷ୍ଟ୍ରେଚର, ହୁଇଲ ଚେୟାର ଖତ ଖାଉଛି।